ଯଶବନ୍ତ ସିଂ ଏବଂ ଅନ୍ୟଜଣେ

ବନାମ

ପଞ୍ଜାବ ରାଜ୍ୟ

ସେପ୍ଟେମ୍ବର 23, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ନିଯୁକ୍ତି – ଚାକିରି ସମୟରେ ଅନ୍ଧ ହୋଇଯାଇଥିବା ଚାଳକମାନଙ୍କ ପାଇଁ ବିକଳ୍ପ ନିଯୁକ୍ତି – ଚାକିରିରୁ ଅପସାରଣ ଯଥାର୍ଥ ନୁହେଁ – ବିକଳ୍ପ ନିଯୁକ୍ତି – ନିର୍ଦ୍ଦେଶ ଜାରି କରାଯାଇଛି ।*

*ଆନନ୍ଦ ବିହାରୀ ବନାମ ରାଜସ୍ଥାନ ଏସ୍.ଆର୍.ଟି.ସି.,* **[1991] 1 SCC 731, ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12832-33/1996 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 3020 ଏବଂ 3027/1994 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 18.7.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପି. ଏନ୍. ପୁରୀ ।

ଉତ୍ତରଦାତାଙ୍କ ପାଇଁ ମନୋଜ ସ୍ୱରୂପଙ୍କ ପାଇଁ ଏଚ୍. ଏସ୍. ମୁଞ୍ଜାଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଗଣଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ସି ଡବ୍ଲ୍ୟୁ ପି ସଂଖ୍ୟା 3020 ଏବଂ 3027/1994 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 18 ଜୁଲାଇ, 1995 ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ଅପିଲକାରୀମାନଙ୍କୁ ଚାଳକ ଭାବେ ନିଯୁକ୍ତ କରାଯାଇଥିଲା । ଚାକିରିରେ ଥିବାବେଳେ, ସେମାନେ ଅନ୍ଧ ହୋଇଯାଇଥିଲେ ଏବଂ ତେଣୁ, ସେମାନେ ବିକଳ୍ପ ନିଯୁକ୍ତି ପାଇଁ ଅନୁରୋଧ କରିଥିଲେ । ବରଂ ସେମାନଙ୍କୁ

ଚାକିରିରୁ ହଟାଇ ଦିଆଯାଇଥିଲା । ଏହି ବିବାଦ ଏବେ ନିଷ୍ପତ୍ତି ନହୋଇଥିବା ପ୍ରସଙ୍ଗ ହୋଇ ରହିନାହିଁ । *ଆନନ୍ଦ ବିହାରୀ ବନାମ ରାଜସ୍ଥାନ ଏସ୍.ଆର୍.ଟି.ସି,* [1991] 1 SCC 731 ମାମଲାରେ ଏହି ନ୍ୟାୟାଳୟ ଅନୁରୂପ ପରିସ୍ଥିତିରେ ଏହି ବିବାଦକୁ ବିଚାର କରିଥିଲେ ଏବଂ ରାୟର ଅନୁଚ୍ଛେଦ 15 ରେ ସୂଚିତ ହୋଇଥିବା ବିକଳ୍ପ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଜାରି କରିଥିଲେ ।

> "ନିଗମ ଦ୍ୱାରା ପ୍ରଦର୍ଶିତ ଅସହାୟତାକୁ ଦୃଷ୍ଟିରେ ରଖି, ଆମେ ଏପରି ଏକ ଯୋଜନା ପ୍ରସ୍ତୁତ କରିବାକୁ ବାଧ ହେଉଛୁ, ଯାହା ଆମ ମତରେ, ବର୍ତ୍ତମାନର ମାମଲାରେ ସମ୍ପୃକ୍ତ ଶ୍ରମିକଙ୍କ ଭଳି ଶ୍ରମିକମାନଙ୍କୁ ଯେତେ ସମ୍ଭବ ସର୍ବୋତ୍ତମ ପ୍ରତିକାର ପ୍ରଦାନ କରିବ । ଏହି ଯୋଜନାକୁ ବିକଶିତ କରିବା ବେଳେ ଏବଂ ଏହି ନିର୍ଦ୍ଦେଶ ଦେବା ସମୟରେ ଆମେ ଧ୍ୟାନରେ ରଖିଛୁ ଯେ, ସମ୍ପୃକ୍ତ ଶ୍ରମିକମାନେ କେବଳ ଚାଳକ ଭାବରେ କାର୍ଯ୍ୟ କରିବାକୁ ଅକ୍ଷମ ଏବଂ ନିଗମରେ କିମ୍ବା ବାହାରେ ଅନ୍ୟ କୌଣସି ଚାକିରି କରିବାକୁ ଅକ୍ଷମ ଅଟନ୍ତି ନାହିଁ । ଦ୍ୱିତୀୟତଃ, ଶ୍ରମିକମାନେ ସେମାନଙ୍କ ଜୀବନର ପୌଢାବସ୍ଥାରେ ପହଞ୍ଚିଛନ୍ତି ଏବଂ ବାହାରେ ଏକ ଉପଯୁକ୍ତ ବିକଳ୍ପ ନିଯୁକ୍ତି ପାଇବା ସେମାନଙ୍କ ପାଇଁ କଷ୍ଟକର ହେବ । ତୃତୀୟତଃ, ଆମେ ଏହି ତଥ୍ୟକୁ ମଧ ଧ୍ୟାନରେ ରଖିଛୁ ଯେ, ଏହି ଯୋଜନା ଅଧୀନରେ ଉପଲବ୍ଧ କରାଯାଇଥିବା ପ୍ରତିକାର ଏପରି ହେବା ଉଚିତ ନୁହେଁ ଯାହା ଶ୍ରମିକମାନଙ୍କୁ ଅକ୍ଷମତାର ବାହାନା କରିବାକୁ ପ୍ରବର୍ତ୍ତାଇବ, ଯାହା ବର୍ତ୍ତମାନର ଅକ୍ଷମତା କ୍ଷେତ୍ରରେ, ଅର୍ଥାତ୍ ତ୍ରୁଟିପୂର୍ଣ୍ଣ ଦୃଷ୍ଟିଶକ୍ତିର ବିକାଶ କ୍ଷେତ୍ରରେ କରିବା ସହଜ ହୋଇପାରେ । ଉପରୋକ୍ତ ସମସ୍ତ ବିଷୟକୁ ଧ୍ୟାନରେ ରଖି, ଆମେ ନିଗମକୁ ନିମ୍ନମତେ ନିର୍ଦ୍ଦେଶ ଦେଉଛୁ :
>
> (i) ନିଗମ ପ୍ରତ୍ୟେକ ଅବସରପ୍ରାପ୍ତ ଶ୍ରମିକଙ୍କୁ ତାଙ୍କ ଅବସରକାଳୀନ ସୁବିଧା ପ୍ରଦାନ କରିବା ସହିତ, ତାଙ୍କୁ ଅନ୍ୟ କୌଣସି ବିକଳ୍ପ ସ୍ଥାନୀୟ ଚାକିରି ପ୍ରଦାନ କରିବ ଯାହା ଉପଲବ୍ଧ ଥିବ ଏବଂ ଯାହା ସେ କରିବାକୁ ଯୋଗ୍ୟ ଥିବେ ।
>
> (ii) ଯଦି ଏପରି କୌଣସି ବିକଳ୍ପ ଚାକିରି ଉପଲବ୍ଧ ନଥାଏ, ତେବେ ପ୍ରତ୍ୟେକ ଶ୍ରମିକଙ୍କୁ ତାଙ୍କ ଅବସରକାଳୀନ ସୁବିଧା ସହିତ ଅତିରିକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ଯାହା ନିମ୍ନରେ ଦର୍ଶାଯାଇଛି :
>
> (a) ଯଦି କୌଣସି କର୍ମଚାରୀ 5 ବର୍ଷ କିମ୍ବା 5 ବର୍ଷରୁ କମ୍ ସମୟ ପାଇଁ ଚାକିରିରେ ଅଛନ୍ତି, ତେବେ କ୍ଷତିପୂରଣର ରାଶି ତାଙ୍କ ଚାକିରିର ଅବଶିଷ୍ଟାଂଶର ବାର୍ଷିକ 7 ଦିନର ଦରମା ସହିତ ସମାନ ହେବ ।

(b) ଯଦି କୌଣସି କର୍ମଚାରୀ 5 ବର୍ଷରୁ ଅଧିକ କିନ୍ତୁ 10 ବର୍ଷରୁ କମ୍ ସମୟ ପାଇଁ ଚାକିରିରେ ଅଛନ୍ତି, ତେବେ କ୍ଷତିପୂରଣ ରାଶି ତାଙ୍କ ଚାକିରିର ଅବଶିଷ୍ଟାଂଶର ବାର୍ଷିକ 15 ଦିନର ଦରମା ସହିତ ସମାନ ହେବ ।

(c) ଯଦି କୌଣସି କର୍ମଚାରୀ 10 ବର୍ଷରୁ ଅଧିକ କିନ୍ତୁ 15 ବର୍ଷରୁ କମ୍ ସମୟ ପାଇଁ ଚାକିରିରେ ଅଛନ୍ତି, ତେବେ କ୍ଷତିପୂରଣର ରାଶି ତାଙ୍କ ଚାକିରିର ଅବଶିଷ୍ଟାଂଶର ବାର୍ଷିକ 21 ଦିନର ଦରମା ସହିତ ସମାନ ହେବ ।

(d) ଯଦି କୌଣସି କର୍ମଚାରୀ 15 ବର୍ଷରୁ ଅଧିକ କିନ୍ତୁ 20 ବର୍ଷରୁ କମ୍ ସମୟ ପାଇଁ ଚାକିରିରେ ଅଛନ୍ତି, ତେବେ କ୍ଷତିପୂରଣର ରାଶି ତାଙ୍କ ଚାକିରିର ଅବଶିଷ୍ଟାଂଶର ବାର୍ଷିକ ଏକ ମାସର ଦରମା ସହିତ ସମାନ ହେବ ।

(e) ଯଦି ଜଣେ କର୍ମଚାରୀ 20 ବର୍ଷରୁ ଅଧିକ ସେବା ପ୍ରଦାନ କରିଛନ୍ତି, ତେବେ କ୍ଷତିପୂରଣର ରାଶି ତାଙ୍କ ଚାକିରିର ଅବଶିଷ୍ଟାଂଶର ବାର୍ଷିକ ଦୁଇ ମାସର ଦରମା ସହିତ ସମାନ ହେବ ।

ଏହି ବେତନର ଅର୍ଥ ହେଉଛି ମୋଟ ମାସିକ ପାରିଶ୍ରମିକ ଯାହା ଶ୍ରମିକ ଜଣକ ତାଙ୍କ ଅବସର ଗ୍ରହଣ ତାରିଖରେ ପାଉଥିଲେ ।

(iii) ଯଦି ବିକଳ୍ପ ଚାକିରି ତୁରନ୍ତ ଉପଲବ୍ଧ ହେଉନାହିଁ, କିନ୍ତୁ ପରବର୍ତ୍ତୀ ସମୟରେ ଉପଲବ୍ଧ ହେବ, ତେବେ ନିଗମ ଏହାକୁ ଶ୍ରମିକଙ୍କୁ ପ୍ରଦାନ କରିପାରେ, ଯଦି ସେ ଆନୁପାତିକ କ୍ଷତିପୂରଣ ରାଶି ଫେରସ୍ତ କରନ୍ତି ।

(iv) ଯଦି ନିଗମ ଦ୍ୱାରା ଏକ ବିକଳ୍ପ ଚାକିରି ପ୍ରଦାନ କରାଯାଏ, ତେବେ ଏହି ଦୁଇଟି ପ୍ରତିକାର ମଧ୍ୟରୁ କୌଣସି ଗୋଟିଏ ଗ୍ରହଣ କରିବାର ବିକଳ୍ପ ଶ୍ରମିକଙ୍କର ରହିବ ।

ଏହି ପରିସ୍ଥିତିରେ, ଅପିଲକୁ ଅନୁମତି ଦିଆଯାଇଛି । ଯେତେବେଳେ ପଦବୀ ଖାଲି ହୁଏ, ବିକଳ୍ପ ନିଯୁକ୍ତି ପାଇଁ ଅପିଲକାରୀଙ୍କ ମାମଲା ଉପରେ ବିଚାର କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ